## ସଂକ୍ଷେପରେ

### ୩ ଛାତ୍ରୀଛାତ୍ର ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାରୁ ବଞ୍ଚିତ

**ବେଗୁନିଆପଡା,୮।୭(ଡି.ଏନ.ଏ):** ବେଗୁନିଆପଡା,୮।୭(ଡି.ଏନ୍.ଏ.)- ବୈଷୟିକ ତ୍ରୁଟି ଯୋଗୁ ବେଗୁନିଆପଡ଼ା ଜନତା ନୋଡାଲ ହାଇସ୍କୁଲର ୩ ଛାତ୍ରୀଛାତ୍ର ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷାରୁ ବଞ୍ଚିତ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟର ବାପୁଜୀ ପ୍ରଧାନ, ଅଞ୍ଜଳି ଦାସ ଓ ଏ. ରାଜେଶ ଆଚାରୀ ଚଳିତ ବର୍ଷ ସପ୍ଲିମେଣ୍ଟାରି ପରୀକ୍ଷା ଦେବା ପାଇଁ ଗତ ୧୭ଜୁନ୍‌ରେ ଫର୍ମ ପୂରଣ କରିବା ପରେ ପଇସା ଡିପୋଜିଟ କରିଥିଲେ। ଏହାପରେ ଏକ ଜୋନାଲ ନମ୍ବର ପ୍ରତି ପିଲାଙ୍କ ଆସିବା ପରେ ଏହାକୁ ଅନଲାଇନରେ ସବ୍‌ମିଟ କରିବା ପରେ ଯେଉଁ ଡିଆର୍ (ଡ୍ରେସ୍କ୍ରିପ୍ସନ ରୋଲ୍ ସିଟ୍) ଆସିବା କଥା ତାହା ଆସିନଥିଲା। ୧୮ ଜୁନ୍ ପର୍ଯ୍ୟନ୍ତ ଅପେକ୍ଷା କରିବାପରେ ମଧ ଏହା ଆସି ନ ଥିବାରୁ ଉକ୍ତ ବିଦ୍ୟାଳୟର ଶିକ୍ଷକ କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟକୁ ଯାଇ କଣ୍ଟ୍ରୋଲରଙ୍କ ସହ ଆଲୋଚନା କରିବା ପରେ ଦାୟିତ୍ୱରେ ଥିବା କର୍ମଚାରିଙ୍କ ସହ ଆଲୋଚନା କରିଥିଲେ। ଜୋନାଲ ନମ୍ବର ଆସିଛି ମାନେ ନିହାତି ଭାବେ ଆଡମିଟ କାର୍ଡ ଆସିବ ବୋଲି ପ୍ରତିଶ୍ରୁତି ଦେବା ପରେ ଶିକ୍ଷକ ଫେରିଥିଲେ ବି ସେମାନଙ୍କର ଆଡମିଟ କାର୍ଡ ଆସିନଥିବା ଯୋଗୁ ଏହି ୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏ ସମ୍ପର୍କରେ ଜନତା ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ରଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, ବିଦ୍ୟାଳୟ ପକ୍ଷରୁ ପିଲାଙ୍କ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି କିନ୍ତୁ ବୋର୍ଡର ବୈଷୟିକ ତ୍ରୁଟି ଯୋଗୁ ପିଲା ପରୀକ୍ଷାରୁ ବଞ୍ଚିତ ହେଲେ। ମାତ୍ର ଭୁଲ କାହାର ସେ ନେଇ ତଦନ୍ତ ହେବା ସହ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

### ପଥବିକ୍ରେତା ବ୍ୟବସାୟୀ ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୮।୭(ଡି.ଏନ.ଏ.):** ଦିଗପହଣ୍ଡି ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରମିକ ସଂଗଠନ ଏଆଇଟିୟୁସି କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଶ୍ରୀ ତ୍ରିନାଥ ଠାକୁର ପଥ ବିକ୍ରେତା ବ୍ୟବସାୟୀ ସଂଘ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ସଂଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପଥବିକ୍ରେତା ବ୍ୟବସାୟୀଙ୍କ ପାଇଁ ୨୦୧୪ରେ ପ୍ରଣୟନ କରାଯାଇଥିବା କେନ୍ଦ୍ରୀୟ ଆଇନକୁ ରାଜ୍ୟରେ କାର୍ଯ୍ୟକାରୀ କରାଯିବା, ସ୍ଥାନୀୟ ଏନ୍‌ଏସି ପକ୍ଷରୁ ଟାଉନ ଭେଣ୍ଡିଂ କମିଟି ଗଠନ ସହ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରି ବ୍ୟବସାୟୀମାନଙ୍କୁ ଯୋଗାଇଦେବା, ସମସ୍ତ ପଥ ବିକ୍ରେତା ବ୍ୟବସାୟୀଙ୍କୁ ଚିହ୍ନଟ କରି ସେମାନଙ୍କୁ ପଞ୍ଜୀକୃତ କରିବା ସହ ପରିଚୟପତ୍ର ଯୋଗାଇଦେବା, ରାଜ୍ୟ କିମ୍ବା ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସେମାନଙ୍କୁ ରାଶନକାର୍ଡ ପ୍ରଦାନ କରିବା, ବସ୍‌ଷ୍ଟାଣ୍ଡ, ବଜାର ଓ ପୁଞ୍ଜିକର୍ଯ୍ୟାଁ ଛକରେ ବୁଲା ଗୋରୁ ଓ ଷଣ୍ଢଙ୍କ ଉପଦ୍ରବ ଯୋଗୁ ରାସ୍ତାକଡ଼ର ପଥ ବିକ୍ରେତା ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନ୍‌ଏସି ପ୍ରଶାସନ ନିକଟରେ ସଂଘ ପକ୍ଷରୁ ବହୁବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଏହି ସଭାରେ ସଂଘ କାର୍ଯ୍ୟକର୍ତ୍ତା ଆର. ପାଣ୍ଡବ ଦୋରା, କୃଷ୍ଣ ନାୟକ, ପଦ୍ମ ବେହେରା, ବଳରାମ ମହାନ୍ତି, ବାବୁଲା ଚୌଧୁରୀ, ବଳରାମ ଚୌଧୁରୀ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନିଷିଦ୍ଧ ହୋଇପାରୁନି ପଲିଥିନ୍

**ଚିକିଟି,୮।୭(ଡି.ଏନ.ଏ.):** ଚିକିଟିପେଣ୍ଠ ମୁଖ୍ୟ ବଜାର, ଚାନ୍ଦପୁର, ନୂଆପଡା ଏବଂ ଆଖପାଖ ଗ୍ରାମାଞ୍ଚଳରେ ଥିବା ଦୋକାନ ଗୁଡ଼ିକରେ ବ୍ୟାପକ ପରିମାଣରେ ପଲିଥିନ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏନେଇ ୨୦୧୬ରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୫୦ ମାଇକ୍ରୋନରୁ ଉର୍ଦ୍ଧ୍ୱ ପଲିଥିନର ବ୍ୟବହାର କରିବାକୁ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଚିକିଟି, ଚାନ୍ଦପୁର, ନୂଆପଡା ଏବଂ ଆଖପାଖ ଗ୍ରାମର ବ୍ୟବସାୟୀମାନେ ପ୍ରଦୂଷଣ ସୃଷ୍ଟି କରୁଥିବା ପଲିଥିନକୁ ବ୍ୟବହାର କରୁଛନ୍ତି। ଫଳରେ ଡ୍ରେନ୍‌ଗୁଡ଼ିକରେ ଅଳିଆ ଜମାହେବା ଯୋଗୁ ମଇଳା ପାଣି ରାସ୍ତା ଉପରେ ପ୍ରଭାବିତ ହେଉଛି, ଯାହା ଏକ ପ୍ରକାର ଦୂଷିତ ପରିବେଶ ସୃଷ୍ଟି କରୁଛି। ଏଣୁ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ, ବ୍ଲକ୍ ଓ ଜିଲା ପ୍ରଶାସନ କର୍ତ୍ତୃପକ୍ଷ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

■ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ

# ଏଡିଏମ୍, ପ୍ରିନ୍ସିପାଲଙ୍କ ସହ ମିଳିତ ସଂଘର ଆଲୋଚନା

**ଛତ୍ରପୁର, ୮।୭(ଡି.ଏନ.ଏ)**

ଗଂଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ବିଳମ୍ବ ହେବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଛତ୍ରପୁର ଓକିଲ ସଂଘ କାର୍ଯ୍ୟାଳୟରେ ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସପାଲ ବିଘ୍ନେଶ୍ୱର ପଟ୍ଟନାୟକ ଙ୍କ ସହ ବିଭିନ୍ନ ସଂଗଠନ ର ପ୍ରତିନିଧି ମାନେ ଏ ସମ୍ପର୍କରେ ଆଲୋଚନା କରିବା ସହ ବର୍ତ୍ତମାନତ୍ର ସ୍ଥିତି କଣ ଅଛି ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏହି ବୈଠକରେ ଛତ୍ରପୁର ଓକିଲ ସଂଘ ସଭାପତି କେ ଶିବରାମ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ନାଗରିକ କମିଟି ଅଧ୍ୟକ୍ଷ ଗୋକୁଳ ଚନ୍ଦ୍ର ପଣ୍ଡା, ସମ୍ପାଦକ ସୁଧିର ସାହୁ, ପୂର୍ବତନ ନଗରପାଳ ରାମଚନ୍ଦ୍ର ବେହେରା, ମହାଶକ୍ତି ବଣିକ ସଂଘ ସଭାପତି କିଶୋର ଚନ୍ଦ୍ର ସେନାପତି, ଅପରବସଷ୍ଟାଣ୍ଡ ବ୍ୟବସାୟୀ ସଂଘ ସଭାପତି ବି ରାଜୁ ବାବୁ, ରିକାପଲ୍ଲୀ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ସୟଦ ମୁକ୍ତାର, ଓକିଲ ବି ଶ୍ରୀନିବାସ, ଓକିଲ ପ୍ରଦୀପ ପାଢୀ ଓ ଭୈରବ ପଟ୍ଟନାୟକ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ । ପରେ ଓକିଲ ସଂଘ ସଭାପତି ଏବଂ ବ୍ରହ୍ମପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଓ ଅନ୍ୟମାନେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲକ୍ଷ୍ମୀକାନ୍ତ ସେଠୀଙ୍କୁ ଭେଟି ଜମି ହସ୍ତାନ୍ତର ସମ୍ପର୍କରେ ଆଲୋଚନା କରିଥିଲେ । ଜମି ପଟ୍ଟା କରିବାରେ ବିଳମ୍ବ ହେବ । ଏଣୁ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଆର୍ଯ୍ୟପଲ୍ଲୀ ନିକଟରେ ଚିହ୍ନଟ ହୋଇଥିବା ୧୦ ଏକର ଜମିର ଆଡଭାନ୍ସ ପୋଜିସନ୍ ଦେବା ସହ ପଟ୍ଟା ପାଇଁ ପ୍ରୋସେସ ଚାଲିଥିବା ଜିଲାପାଳଙ୍କ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ କମିଶନରଙ୍କୁ ଚିଠି କଲେ ଏହା ଉପରେ ସକରାତ୍ମକ ପଦକ୍ଷେପ ନେଇ ହେବ ବୋଲି ଜଣାପଡିଛି । ଏଣୁ ମିଳିତ ସଂଗଠନ ର ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅନୁରୋଧ କରିବେ ବୋଲି ସୂଚନା ମିଳିଛି । ଅପରପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟ ର ଅସ୍ଥାୟୀ କ୍ୟାମ୍ପସ ପାଇଁ ଅନସ୍ଲୋ ସରକାରୀ ହାଇସ୍କୁଲର ଏକ କୋଠା ଦେବାକୁ ପୂର୍ବରୁ ସରକାର ଅନୁମତି ଦେଇ ସାରିଛନ୍ତି । କେବଳ ଜମି ହସ୍ତାନ୍ତର ହେଉ ନ ଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାରେ ବିଳମ୍ବ ଦେଖାଦେଇଛି ।

ପ୍ରକାଶଯେ, ଅସ୍ଥାୟୀ କ୍ୟାମ୍ପସ ଓ ଜମି ହସ୍ତାନ୍ତର ପରେ ହିଁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଦ୍ୟାଳୟ ସଂଗଠନ ପକ୍ଷରୁ ଚିଠି ଦ୍ୱାରା ପ୍ରଶାସନକୁ ଅବଗତ କରାଯାଇ ସାରିଛି।



ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା ଚାଲିଛି ।

■ ୧୨ ଲକ୍ଷ ଟଙ୍କା ଠକେଇ ମାମଲା

# ଖାଲି ହାତରେ ଫେରିଲା ଆନ୍ଧ୍ର ପୋଲିସ

**ଛତ୍ରପୁର,୮।୭(ଡି.ଏନ.ଏ.)**

ଚାକିରି କରାଇ ଦେବାକୁ କହି ୧୨ ଲକ୍ଷ ଟଙ୍କା ଠକେଇ ମାମଲାର ତଦନ୍ତ ସହ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ସୋମବାର ଆନ୍ଧ୍ର ପୋଲିସର ଏକ ଟିମ୍ ଛତ୍ରପୁରକୁ ଆସିଥିଲା । ଉକ୍ତ ମାମଲାର ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ଛତ୍ରପୁର ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ଏହି ଠକେଇ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଛତ୍ରପୁର ପୋଲିସର ସହାୟତା ଆନ୍ଧ୍ର ପୋଲିସ ନେଇଥିଲା । କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣକ ପୂର୍ବରୁ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଜଣାପଡିଛି । ଫଳରେ ଆନ୍ଧ୍ର ପୋଲିସକୁ ଖାଲି ହାତରେ ଫେରିବାକୁ ପଡିଛି।ପ୍ରକାଶଯେ, ୨୦୧୭ରେ ଆନ୍ଧ୍ର ପ୍ରଦେଶର ଜଣେ ବ୍ୟକ୍ତିଙ୍କୁ ଚାକିରି କରାଇ ଦେବାକୁ କହି ତାଙ୍କଠାରୁ ସେ ୧୨ ଲକ୍ଷ ଟଙ୍କା ଆଣିଥିଲେ । ପରେ ସେ ଉକ୍ତ ବ୍ୟକ୍ତିଙ୍କୁ ଧରାଛୁଆଁ ଦେଉ ନ ଥିଲେ । ଫଳରେ ଟଙ୍କା ଠକେଇର ଶୀକାର ବ୍ୟକ୍ତି ଜଣକ ଆନ୍ଧ୍ର ପ୍ରଦେଶର ଏକ ଥାନାରେ ଏତଲା ଦେଇଥିଲେ । ଏହି ମାମଲାରେ ଛତ୍ରପୁର ଥାନା ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ଆନ୍ଧ୍ରପ୍ରଦେଶ ପୋଲିସ ଟିମ୍ ଛତ୍ରପୁର ଆସିଥିଲା ।

■ ଡହ ପାଣି ପଞ୍ଚାୟତ ବୈଠକ

# ଜଳର ସୁଷମ ବଣ୍ଟନ ପାଇଁ ନିଷ୍ପତ୍ତି



ରଶ୍ମି ରଞ୍ଜନ ରଥ ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର, ୮।୭(ଡି.ଏନ.ଏ)**

ଡ଼ହ ପାଣି ପଞ୍ଚାୟତର ଏକ ବୈଠକ ସୋମବାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିରେନ୍ଦ୍ର କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତ ବର୍ଷ ପାଣିପାଗରେ ପରିବର୍ତ୍ତନ ଯୋଗୁ ଆବଶ୍ୟକତା ଅନୁଯାୟୀ ବର୍ଷା ହୋଇନପାରେ, ତେଣୁ ଡ଼ହ ଜଳଭଣ୍ଡାରରେ ଥିବା ଜଳର ସୁଷମ ବଣ୍ଟନ କିଭଳି କେନାଲ ମାଧ୍ୟମରେ ହୋଇପାରିବ ସେନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ମାସ ୨୫ ଆଡ଼କୁ ଡ଼ହ ଜଳଭଣ୍ଡାରରୁ ପାଣି ଛାଡ଼ିବା ପାଇଁ ବିଭାଗ ପକ୍ଷରୁ ଯୋଜନା ଅଛି। ବର୍ଷାଯଦି ଏହାପୂର୍ବରୁ ହେଲା ତେବେ ପାଣି ଛାଡ଼ିବା ତାରିଖ ବଦଳିବ ବୋଲି ବୈଠକରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଅପରପକ୍ଷେ ପାଣି ପଞ୍ଚାୟତର କିଛି କର୍ମକର୍ତ୍ତା ବର୍ଷା ହେଲେ ହିଁ କେନାଲରେ ପାଣି ଛାଡ଼ିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଆଗାମୀ ଦିନରେ ପାଗକୁ ଦେଖି ଆବଶ୍ୟକ ପଦକ୍ଷେପ ନେବାପାଇଁ ବୈଠକରେ ନିଷ୍ପତି ହୋଇଥିଲା। କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ପାଣି ପଞ୍ଚାୟତର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଡ଼ହ ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧିନରେ ଥିବା ବିଭିନ୍ନ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷମାନେ ଆଲୋଚନାରେ ଭାଗ ନେଇଥିଲେ। ଯନ୍ତ୍ରୀ ସୁବାସ ଚନ୍ଦ୍ର ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ



ଶିକ୍ଷୟିତ୍ରୀ ବାସନ୍ତୀ ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

**ଭଞ୍ଜନଗର,୮।୭(ଡି.ଏନ.ଏ.)**

ବିଗତ କିଛିବର୍ଷ ହେବ ଓଡ଼ିଶାରେ ବାରମ୍ବାର ବନ୍ୟା, ବାତ୍ୟା, ମରୁଡ଼ି ହେଉଛି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ। ପରିବେଶ ପ୍ରଦୂଷଣ ବୃଦ୍ଧି ଯୋଗୁ ଜଳବାୟୁ ପରିବର୍ତ୍ତନ ହେଉଛି। ଜଙ୍ଗଲ କ୍ଷୟ, କଳକାରଖାନା ଓ ଜନସଂଖ୍ୟା ବୃଦ୍ଧି ପ୍ରମୁଖ କାରଣ ଯୋଗୁ ପ୍ରଦୂଷଣ ବଢୁଛି। କିନ୍ତୁ ବିଗତ କିଛିବର୍ଷ ହେବ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁ ଜଙ୍ଗଲ ପରିମାଣ ରାଜ୍ୟରେ ବଢୁଛି। ତଥାପି ଅଧିକରୁ ଅଧିକ ନୂତନ ଜଙ୍ଗଲ ସୃଷ୍ଟି କରାଯିବା ସହ ପରିବେଶ ପ୍ରଦୂଷଣମାତ୍ରାକୁ ରୋକିବାକୁ ପଡ଼ିବ। ନଚେତ ଆଗାମୀ ପିଢୀ ପାଇଁ ବିପଦ ମାଡ଼ି ଆସିବ। ଏଥିପ୍ରତି ଛାତ୍ରୀଛାତ୍ରମାନେ ଦୃଷ୍ଟି ଦେବାକୁ ପଡ଼ିବ। ଭଞ୍ଜନଗର ବ୍ଲକ ଡ଼ିହପଡାଳ ହାଇସ୍କୁଲରେ ପରିବେଶ ସଚେତନତା ଉପରେ ସୋମବାର ଆୟୋଜିତ ଆଲୋଚନାଚକ୍ରରେ ଭାଗନେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୋ ସ୍କୁଲ ବ୍ଲକ ସଂଯୋଜକ ସନ୍ତୋଷ ଜେନା ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ବାସନ୍ତୀ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏସିଏଫ୍ ସୁଦର୍ଶନ ବାଦୀ, ରେଞ୍ଜର ପ୍ରଶାନ୍ତ ସାହୁ, ଘୁମୁସର ବୈଦ୍ୟସଂଘ ସଭାପତି ଗୋପାଳକୃଷ୍ଣ ପତି, ସମ୍ପାଦକ ସୁବ୍ରତ କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି, ଶୁଳପାଣି ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ ହୋଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ଉପରେ ବିଭିନ୍ନ ପ୍ରତିଯୋଗୀତା ହେବାସହ ତତ୍କାଳ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଦିଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ପିଲାଟିଏ ଗଛଟିଏ ସଭା, ଶୋଭାଯାତ୍ରା

**ଦିଗପହଣ୍ଡି,୮।୭(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ମଦନମୋହନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଶନିବାର ପିଲାଟିଏ ଗଛଟିଏ ସମ୍ପର୍କିତ ସଭା ଏବଂ ସଚେତନତା ଶୋଭାଯାତ୍ରା ହୋଇଯାଇଛି। ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଗ୍ରାମବାସୀଙ୍କୁ ଚାରାରୋପଣର ଉପାଦେୟତା ସମ୍ପର୍କରେ ସଚେତନ କରାଇଥିଲେ। ପରେ ଆୟୋଜିତ ସଭାରେ ବିଡିଓ ହଳଧର ଶବର, ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ହରିବନ୍ଧୁ ରେଡ୍ଡୀ, ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝି, ରସାନନ୍ଦ ଘଡ଼େଇ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଶିବରାମ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସାଧନ କର୍ମୀ ଦୀନବନ୍ଧୁ ପାତ୍ର, ଶିକ୍ଷୟିତ୍ରୀ ଜ୍ୟୋତି ମହାରଣା, ପୁଷ୍ପାଞ୍ଜଳୀ ପ୍ରଧାନଙ୍କ ସମେତ ବମକେଇ କ୍ଲଷ୍ଟର ସ୍ତରୀୟ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

# ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜ ବୈଠକ

**ଭଞ୍ଜନଗର,୮।୭(ଡି.ଏନ.ଏ)**

ନିଖିଳ ଓଡ଼ିଶା ବାଣାୟତ ଓଡ଼ିଆ ସମାଜ ଘୁମୁସର ତାଲୁକା ଓ ଗଞ୍ଜାମ ଜିଲା ଶାଖାର ମିଳିତ ସହଯୋଗରେ ରବିବାର ବେଲଗୁଣ୍ଠାରେ ଏକ ବୈଠକ ହୋଇଥିଲା। ବୈଠକରେ ରାଜ୍ୟ ସଭାପତି ସନ୍ତୋଷ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଓ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କୁ କୂଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସିକା ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଳିକ, ଜିଲା ସଭାପତି ଗନ୍ଧର୍ବ ପ୍ରଧାନ, ଘୁମୁସର ତାଲୁକା ସଭାପତି ପ୍ରମୋଦ ପ୍ରଧାନ, ନିର୍ବାଚନ ଅଧିକାରୀ ଉଦୟ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ପରିଡ଼ା, ତାଲୁକା ସମ୍ପାଦକ ଭଗବାନ ପୋଲାଇ, ବେଲଗୁଣ୍ଠା ଏନଏସି ପୂର୍ବତନ ଅଧ୍ୟକ୍ଷ ଚନ୍ଦ୍ରମଣି ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଭଗବାନ ପୋଲେଇ, ଗୋପବନ୍ଧୁ ଡ଼ାଙ୍ଗୁଆ, ସୁଧାଂଶୁ ଶେଖର ପୋଲେଇ, ଗୌରହରି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ହରେକୃଷ୍ଣ ମଳିକ ଉଦ୍‌ବୋଧନ ଦେଉଛନ୍ତି।

# ରାସ୍ତା ସଫା କଲେ ଯୁବଗୋଷ୍ଠୀ

**ପାତ୍ରପୁର, ୮।୭(ଡି.ଏନ୍.ଏ.)**

**ପାତ୍ରପୁର ବ୍ଲକ**

ପାତ୍ରପୁର ବ୍ଲକ ସୁରଙ୍ଗୀ ନିକଟସ୍ଥ ସାହାସପୁର ଗ୍ରାମରେ ରବିବାର ଯୁବପିଢୀ ରାସ୍ତା ଉପରେ ପଡିଥିବା କାଦୁଅ ସଫା କରଛନ୍ତି। ଏହି ଗ୍ରାମରେ କିଛି ଦିନ ପୁର୍ବରୁ ଦୁଇଟି ନଳକୂପ ଖୋଳାଯାଇଥିଲା। ଉକ୍ତ ମାଟି ରାସ୍ତା ଉପରେ ଜମିଥିଲା। ସାମାନ୍ୟ ବର୍ଷା ପ୍ରଭାବରେ ରାସ୍ତା ସାରା କାଦୁଅ ହୋଇଯାଇଥିଲା। ଫଳରେ ଯାତାୟତରେ ଅସୁବିଧା ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ମଧ ଘଟୁଥିଲ। ତେଣୁ ଯୁବଗୋଷ୍ଠୀ ଏହି ମାଟିକୁ ବାହାର କରିଛନ୍ତି। ଗ୍ରାମର ରୁଦ୍ର ମଳିକ, ଶିବରାମ ମହାନ୍ତି, ଲିକୁ ରାଉତ, ଚିନ୍ତାମଣୀ ମହାରଣା, ଶତୃଘ୍ନ ଦଳାଇ, ସ୍ୱାଗତ ଜେନା, ଲିପୁନ ସେଠୀ, ସଞ୍ଜୟ ସେଠୀ ପ୍ରମୁଖ ସହେଯୋଗ କରିଥିଲେ। ଯୁବପିଢୀଙ୍କ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

■ ଗୁମୁଡୁମାହା ଏନ୍‌କାଉଣ୍ଟରକୁ ୩ ବର୍ଷ

# ଗ୍ରାମବାସୀ ପାଳିଲେ ଶ୍ରାଦ୍ଧଦିବସ

**ବାଲିଗୁଡା, ୮।୭(ଡି.ଏନ.ଏ.)**

ବହୁ ଚର୍ଚ୍ଚିତ ଗୁମୁଡୁମାହା ପୋଲିସ ଏନକାଉଣ୍ଟର ଘଟଣାକୁ ପୁରିଛି ତିନି ବର୍ଷ । ଗୁମୁଡୁମାହା ଗ୍ରାମର ମୃତକଙ୍କ ସମାଧୀପୀଠରେ ତୃତୀୟ ଶ୍ରାଦ୍ଧବାର୍ଷୀକ ଦିବସ ପାଳନ କରିଛନ୍ତି ମୃତକଙ୍କ ପରିବାର ଓ ଗ୍ରାମବାସୀ। ସୋମବାର ସକାଳୁ ଆତ୍ମୀୟସ୍ୱଜନ ଏକାଠି ହୋଇ ସହିଦ ପୀଠରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହି କାଳରାତ୍ରୀକୁ ଆଜିବି ଭୁଲିନାହାନ୍ତି ଆତ୍ମୀୟସ୍ୱଜନ। କାନ୍ଦବୋବାଳିରେ ଫାଟି ପଡିଥିଲା ଗୁମୁଡୁମାହା। ଏହି ଶ୍ରାଦ୍ଧ ବାର୍ଷିକିରେ ବାଲିଗୁଡା ବ୍ଲକ ବିଜେଡି ସଭାପତ୍ରୁ ଟୁନା ଦାସ ଓ ପୂର୍ବତନ ବିଧାୟକ ରାଜୀବ ପାତ୍ରଙ୍କ ସହ ବୋହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସେଠାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସମାଧୀରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।



ଶ୍ରାଦ୍ଧଦିବସ ଅବସରରେ ମୃତକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

### ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ

**ବେଗୁନିଆପଡ଼ା, ୮।୭(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ବେଗୁନିଆପଡ଼ା ବ୍ଲକର ଜନତା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ଜିଲା ସାଂସ୍କୃତିକ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ମହାରାଜ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସୁଦାମ ଚରଣ ମଣ୍ଡଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ମୁଖ୍ୟବକ୍ତା ଗାନ୍ଧିବାଦୀ ଫୋରମର ଅଧ୍ୟକ୍ଷା ଡା.ରିନା ରାଉତରାୟ, ବ୍ଲକ ଅଧ୍ୟକ୍ଷା କେ. ରାଜଲକ୍ଷ୍ମୀ ଦୋରା, ଉପାଧ୍ୟକ୍ଷ ଭ୍ରମର ଭୂୟାଁ, ବିଡିଓ ଅରୁଣ କୁମାର ମଲିକ, ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ର ସ୍ୱାଇଁ, ମହେଶ୍ୱର ବରାଡ଼, ଜିଲା ପରିଷଦ ସଦସ୍ୟ ଗୀତାଞ୍ଜଳି ଭୂୟାଁ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏଥିରେ ଜନପ୍ରତିନିଧି, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

■ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସଭା

# ନୂତନ କର୍ମକର୍ତ୍ତା ନିର୍ବାଚନ, ବିଭିନ୍ନ ପ୍ରସ୍ତାବ ଆଗତ

**ବାଲିଗୁଡ଼ା,୮।୭(ଡି.ଏନ୍.ଏ.)**

ଓଡ଼ିଶା ଅବସରପ୍ରାପ୍ତ କର୍ମଚାରୀ ସଙ୍ଗଠନ ଆନୁକୂଲ୍ୟରେ ସ୍ଥାନୀୟ ଶିକ୍ଷାନିକେତନ ସଭାଗୃହରେ ବାଲିଗୁଡ଼ା ଉପଖଣ୍ଡସ୍ତରୀୟ ଅବସର ପ୍ରାପ୍ତ କର୍ମଚାରୀ ସଂଗଠନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଘୁନାଥ ପାଢ଼ୀଙ୍କ ସଭାପତିତ୍ୱରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଜିଲାସ୍ତରୀୟ ସଭାପତି ସର୍ବେଶ୍ୱର ମିଶ୍ର, ଉପସଭାପତି ପ୍ରଶନ୍ନ କୁମାର ସାହାଣୀ, ରାଜକିଶୋର ପାଢ଼ୀ, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ ମହାପାତ୍ର, ତୁମୁଡ଼ିବନ୍ଧ ବ୍ଲକ୍ ସଭାପତି ଉମେଶ ଚନ୍ଦ୍ର ଦଣ୍ଡସେନା, କୋଟେଶୁ ସୁବୁଦ୍ଧି, ଦାରିଙ୍ଗବାଡ଼ି ବ୍ଲକ୍ ସାଧାରଣ ସମ୍ପାଦକ ପତିତପାବନ ରାଉତ, ନବୀନ ଚନ୍ଦ୍ର ପ୍ରଧାନୀ ଏବଂ ବାଲିଗୁଡ଼ା ଅନୁଖଣ୍ଡିୟ ଅଞ୍ଚଳର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ପ୍ରଥମେ ସଙ୍ଗଠନର ଆଗାମୀ ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ରଘୁନାଥ ପାଢ଼ୀ, ଉପସଭାପତି ଭାବେ ବିଜୟ ଚନ୍ଦ୍ର ଖଣ୍ଡଗିରୀ, ରାଜ କିଶୋର ସାହୁ, ସାଧାରଣ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସହ ସମ୍ପାଦକ ଭାବେ ରବୀନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଭାବେ ଶରତ ଚନ୍ଦ୍ର ଜେନା ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ରବୀନ୍ଦ୍ର କୁମାର ରଥ, ଶରତ କୁମାର ମିଶ୍ର, ବ୍ରଜରାଜ ସାହୁ, ଚାର୍ଲସ ନାୟକ, ଉମେଶ ଚନ୍ଦ୍ର ମୁଖି, ସୁଦର୍ଶନ ନାୟକ, ଶ୍ରୀମତୀ ରସବତୀ ପାତ୍ର ଏବଂ ସମୀକ୍ଷକ ଭାବେ ଶ୍ୟାମାପ୍ରସାଦ ତ୍ରିପାଠି, ଅପନା ପଟ୍ଟନାୟକଙ୍କୁ ନିର୍ବାଚିତ କରାଯାଇଥିଲା। ଏହି ୧୧ ଜଣ କାର୍ଯ୍ୟନିର୍ବାହୀ ସଭ୍ୟଙ୍କୁ ମନୋନୀତ କରିବା ପାଇଁ ବୈଠକରେ ସ୍ଥିର କରାଯାଇ ୫ଟି ପ୍ରସ୍ତାବ ଗୃହୀତ କରାଯାଇଥିଲା। ଉକ୍ତ ୫ ପ୍ରସ୍ତାବ ମଧ୍ୟରେ କନ୍ଧମାଳ ଜିଲାରେ ମେଡିକାଲ୍ କଲେଜ ସ୍ଥାପନ, ସମସ୍ତ ଅବସର ପ୍ରାପ୍ତ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟ ଭତ୍ତା ନିମନ୍ତେ ମାସିକ ୨ହଜାର ଟଙ୍କା ପ୍ରଦାନ, ବ୍ରହ୍ମପୁର-ଖୋର୍ଦ୍ଧା ରୋଡ଼ ରେଳପଥକୁ କନ୍ଧମାଳ ଜିଲା ଦେଇ ସଂଯୋଗୀକରଣ କରିବା, ଧନଜୀବନ ଭଳି ବିଭିନ୍ନ ସୁରକ୍ଷା ଦୃଷ୍ଟି କୋଣରୁ ସହର ଦେଇ ଯାଇଥିବା ଜାତୀୟ ରାଜପଥକୁ ସହର ବାହାର ଦେଇ ରାସ୍ତା ନିର୍ମାଣ କରିବା, ସମଗ୍ର କନ୍ଧମାଳ ଜିଲାରେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ସମସ୍ତ ସ୍କୁଲ ଓ କଲେଜ ଗୁଡ଼ିକରେ ଆବଶ୍ୟକୀୟ ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି, ସମସ୍ତ ଡାକ୍ତରଖାନାରେ ମଧ ଆବଶ୍ୟକ ଅନୁଯାୟୀ ଦକ୍ଷ ଡାକ୍ତର ଓ ଶେଷଜ୍ଞ ନିଯୁକ୍ତି ପ୍ରମୁଖ ରହିଛି। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶନ୍ନ କୁମାର ସାହାଣୀ ଓ ଦାରିଙ୍ଗବାଡ଼ି ବ୍ଲକ୍ ସମ୍ପାଦକ ପତିତପାବନ ରାଉତ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

**ଗୋପାଳପୁର,୮।୭:** ଜୁଆ ଆଡ୍ଡା ଉପରେ ଗୋଳନ୍ଥରା ଥାନା ପୋଲିସ ସୋମବାର ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିବା ଜଣପଡିଛି। ଗତ କିଛି ଦିନ ହେଲା ଗୋଳନ୍ଥରା ଥାନା ଗୋବିନ୍ଦନଗର ଗ୍ରାମ ମଶାଣି ଶେଡ ନିକଟରେ ଜୁଆ ଖେଳ ଚାଲୁଥିଲା। ସନ୍ଧ୍ୟା ୭ଟାରେ ଥାନା ଅଧିକାରୀ ବାବୁଲି ନାଇକ ଚଢ଼ାଉ କରିଥିଲେ। ସେଠାରୁ କେତେକ ଜୁଆଡି ଚମ୍ପଟ ମାରିଥିଲେ। ୬ ଜଣ ଜୁଆଡିଙ୍କୁ କାବୁ କରିବା ସହ ୫ ବାଇକ୍ ଓ ୨୩୦୦ ଟଙ୍କା ଜବତ କରିଛି। ଏ ନେଇ ନଂ.୧୬୭/୧୯ ମାମଲା ରୁଜୁ କରିଛି। ଗିରଫଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ରେଳ ଷ୍ଟେଶନରୁ ନାବାଳକ ଉଦ୍ଧାର

**ବ୍ରହ୍ମପୁର ଅଫିସ,୮।୭:** ସୋମବାର ଅପରାହ୍ନରେ ରେଳବାଇ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ) ଜଣେ ନାବାଳକଙ୍କୁ ବ୍ରହ୍ମପୁର ରେଳଷ୍ଟେଶନରୁ ଉଦ୍ଧାର କରିଛନ୍ତି। ତାଙ୍କ ବୟସ ୧୧ ରୁ ୧୨ ବର୍ଷ ହେବ ବୋଲି ଆରପିଏଫ ଇନ୍ସପେକ୍ଟର ଦିଲ୍ଲୀପ କୁମାର ସିଂ ସୂଚନା ଦେଇଛନ୍ତି । ନାବାଳକ ଜଣକ ଏକ ପାସେଞ୍ଜର ଟ୍ରେନରେ ବାଲୁଗାଁ ପଟୁ ଆସି ବ୍ରହ୍ମପୁର ରେଳ ଷ୍ଟେଶନରେ ପହଞ୍ଚିଥିଲେ। ପ୍ଲାଟଫର୍ମରେ ସେ ଏକାକୀ ବୁଲୁଥିବା ବେଳେ ପୋଲିସ ତାଙ୍କୁ ଉଦ୍ଧାର କରିଥିଲା। ଅନୁସନ୍ଧାନ ବେଳେ ତାଙ୍କ ଘର ଖୋର୍ଦ୍ଧା ଜିଲା ଟାଙ୍ଗି ଥାନା ଅନ୍ତର୍ଗତ ସରଣଗଡ଼ ଦୌଉଡ଼ପେଣ୍ଠ ବୋଲି ଜଣାପଡ଼ିଛି । ଉଦ୍ଧାର ହୋଇଥିବା ନାବାଳକଙ୍କୁ ରେଳବାଇ ଚାଇଲ୍ଡ ଡେସ୍କକୁ ହସ୍ତାନ୍ତର କରାଯାଇଥିବା ଇନ୍ସପେକ୍ଟର ସିଂ କହିଛନ୍ତି ।

### ସାବାର୍ଡର ଜରୁରୀ ବୈଠକ

**ବ୍ରହ୍ମପୁର ଅଫିସ,୮।୭:** ଅବୈଧ ଦୁର୍ନୀତି ଏବଂ ଆଧିପତ୍ୟ ବିସ୍ତାର ବିରୋଧରେ ଅଧିବକ୍ତାମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଓକିଲ ସଂଘ ସାବାର୍ଡର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦିଲ୍ଲୀପ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ଆସନ୍ତା ୨୧ରେ ଗଞ୍ଜାମ କଳା ପରିଷଦରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଓ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉପରେ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯିବା ନେଇ ପ୍ରସ୍ତାବ ରଖାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶିବପ୍ରସାଦ ମିଶ୍ର, ସମ୍ପାଦକ କୈଳାସ ପାଣିଗ୍ରାହୀ, ଯୁଗ୍ମସମ୍ପାଦକ ରାମପ୍ରସାଦ ପଣ୍ଡା, ମିନତି ରଥ, କୋଷାଧକ୍ଷ ହେମନ୍ତ ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

■ ରିଂ ରୋଡ ନିର୍ମାଣ ସମେତ ବିଭିନ୍ନ ଦାବି ନେଇ

# ବିଡିଏ ଅଫିସ ଆଗରେ ଯୁବମୋର୍ଚ୍ଚାର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୮।୭

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) କାର୍ଯ୍ୟାଳୟ ଆଗରେ ସୋମବାର ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଥିଲା। ପ୍ରସ୍ତାବିତ ରିଂ-ରୋଡ଼ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ସହ ୬ ଦଫା ଦାବି ପୂରଣ ପାଇଁ ଏହା କରାଯାଇଥିଲା। ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଟ୍ରାଫିକ ସମସ୍ୟାର ସମାଧାନ ଲାଗି ଆସିକା ରୋଡ ଫାଷ୍ଟଗେଟ ଏବଂ ଆମ୍ବପୁଆରେ ବସ୍ ଟର୍ମିନାଲ ନିର୍ମାଣ ସହ ଉଦ୍‌ଘାଟନର ୩ ବର୍ଷ ବିତିବା ପରେ ବି ତାଲା ପଡ଼ି ରହିଥିବା ହଳଦିଆପଦର ବିଡିଏର ବସ୍ ଟର୍ମିନାଲ ଶୀଘ୍ର ଖୋଲାଯାଇ ଯାତ୍ରୀଙ୍କ ସେବାରେ ଉତ୍ସର୍ଗ କରିବା, କଦର୍ଯ୍ୟ ଅବସ୍ଥାରେ ଥିବା ସହରର ସମସ୍ତ ରାସ୍ତା ଅବିଳମ୍ବେ ପୁନଃ ନିର୍ମାଣ ଓ ପ୍ରଶସ୍ତୀକରଣ କରାଯିବାକୁ ଗୁରୁତ୍ୱ ଦିଆଯାଇଛି।

ମହାନଗରରେ ଥିବା ମଧ୍ୟବିତ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ବାସହୀନ ପରିବାରଙ୍କ ପାଇଁ ବିଡିଏ ପକ୍ଷରୁ ଏଲଆଇଜି, ଇଡବ୍ଲ୍ୟୁଏସ୍ ଗୃହ ନିର୍ମାଣ କରାଯିବା ସହ ସ୍ୱଳ୍ପ ମୂଲ୍ୟରେ ବିକ୍ରି କରିବା, ବିଲଡିଂ ପ୍ଲାନଗୁଡ଼ିକ ତୁରନ୍ତ ଅନୁମୋଦନ ଲାଗି ପ୍ରତି ୩ ମାସରେ ଥରେ ବୈଠକ ହେବା, ସର୍ବକ୍ଷମା ଯୋଜନା କାର୍ଯ୍ୟକାରୀ ଏବଂ ବ୍ରହ୍ମପୁର ମାଷ୍ଟର ପ୍ଲାନ କରାଯିବାକୁ ଯୁବମୋର୍ଚ୍ଚା ଦାବି କରିଛି । ଏହାର ସଭାପତି ସିଦ୍ଧାନ୍ତ ଗଙ୍ଗଦେବ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଅନ୍ୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ । ବିଡିଏ ଉପାଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଆନ୍ଦୋଳନ ସ୍ଥଳରେ ଗଙ୍ଗଦେବ କହିଥିଲେ, ବ୍ରହ୍ମପୁର ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର। ବିଡିଏ ଗଠନ ହେବାର ଦୁଇଟି ଯୁଗ ବିତିଛି। ତେବେ ସହରର ଭିତ୍ତିଭୂମି ବିକାଶ ଓ ଅନ୍ୟ ସମସ୍ୟାର ସମାଧାନ ଦିଗରେ ବିଡିଏ ବିଫଳ ହୋଇଛି। ଜନସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଥିବା ବେଳେ ବିଭିନ୍ନ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାର ତ୍ୱରିତ ସମାଧାନ କରା ନ ଗଲେ ପୁଣି ଯୁବମୋର୍ଚ୍ଚା ବୃହତ୍ତ ଆନ୍ଦୋଳନ କରିବାର ସେ ଚେତାବନୀ ଦେଇଛନ୍ତି ।



ବିଡିଏ ଅଫିସ ଆଗରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ ।



ହେରାପଞ୍ଚମୀ ଅବସରରେ ବ୍ରହ୍ମପୁର କୋର୍ଟପେଟାରେ ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ନୃସିଂହ ଅବତାର । **(ଫଟୋ-ସମୀର)**

## ହାତୀ ଉପଦ୍ରବ ୯ ଖଣ୍ଡ ଗାଁ ଅନ୍ଧାର

ଖଜୁରିପଡା,୮।୭(ଡି.ଏନ.ଏ.)

ଖଜୁରିପଡା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ରାଣୀପଥର ଗ୍ରାମ ଓ ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ଚଳାଇଛନ୍ତି। ଫଳରେ ୪ ଦିନ ହେବ ବିଦ୍ୟୁତ କାଟ୍ କରାଯାଇଛି। ଫଳରେ ୯ ଖଣ୍ଡ ଗ୍ରାମ ରାଣୀପଥର, ଗେଟାମୁଣ୍ଡା, ବାଘିଆଣ୍ଟ, ଖାଣ୍ଡିକୁଟି, ବଡଆଣ୍ଟ, କୁଆଘରା, କୁଣ୍ଡାପଥର, କେଶରପଡା, କେଶରଘାଟି ଗ୍ରାମ ଏବେ ଅନ୍ଧାରରେ। ସୂଚନାଯୋଗ୍ୟ ଯେ, ଆଜିକୁ ୮/୧୦ ଦିନ ହେଲାଣି ରାଣୀପଥରର ୯ଖଣ୍ଡ ମୌଜାକୁ ଘେରି ରହିଥିବା ପାହାଡରେ ୨ଦଳ ହାତୀପଲ ରହିଛନ୍ତି। ଏହି ଅଞ୍ଚଳରେ ବିଚରଣ କରୁଛନ୍ତି। ହାତୀପଲ ବର୍ତ୍ତମାନ ଗାଁ ନିକଟକୁ ଚାଲି ଯାଇଥିବା ବେଳେ ଗାଁ ଆଖପାଖ ଜଙ୍ଗଲରେ ରହିଥିବାରୁ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ଏହି ପଲରେ ଏକ ଛୁଆ ହାତୀ ରହିଛି। ହାତୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି । ବିଦ୍ୟୁତ ବିଭାଗର କର୍ମଚାରୀମାନେ କହିବା କଥା ଯେ, କୌଣସି କାରଣରୁ ହାତୀମାନେ ବିଦ୍ୟୁତ ତାରରେ ଲାଗିଗଲେ ଆମ ଉପରେ ଦୋଷ ଲଦାଯିବ। ବନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆମେ ବାଧ ହୋଇ ବିଦ୍ୟୁତକାଟ କରୁଛୁ। କିନ୍ତୁ ଏପଟେ ଅଞ୍ଚଳବାସୀଙ୍କ ପ୍ରତିକ୍ରିୟା ଯେ, ବନବିଭାଗ ହାତୀ ଘଉଡାଇବା ବ୍ୟବସ୍ଥା କରିବା କଥା। ସେମାନେ ସେସବୁ ନକରି ବିଦ୍ୟୁତ୍ କାଟ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ମଝିରେ ହନ୍ତସନ୍ତ ହେଉଛନ୍ତି ଲୋକେ।

## ରାଷ୍ଟ୍ରୀୟ ମନ୍ଦିର ସେବକ ସଂଘର ସ୍ୱତନ୍ତ୍ର ବୈଠକ

ବ୍ରହ୍ମପୁର ଅଫିସ,୮।୭

ଭାରତୀୟ ମାନବାଧିକାର ସଚେତନତା ସଂଘ ଶାଖା ରାଷ୍ଟ୍ରୀୟ ମନ୍ଦିର ସେବକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କଳିଙ୍ଗ ନଗରସ୍ଥିତ ମାନବ ଅଧିକାର କାର୍ଯ୍ୟାଳୟରେ ସଂଘ ମୁଖ୍ୟ ସୁକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମନ୍ଦିର ସେବକଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାର ମନ୍ଦିର ପୂଜକଙ୍କ ପାଇଁ ଉତ୍ତମ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବୈଠକରେ କୁହାଯାଇଥିଲା। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସଂଘର ମୁଖ୍ୟ ସୂଚାଇଥିଲେ। ଓଡିଶାର ପ୍ରାୟ ୩ ଲକ୍ଷ ପୂଜକଙ୍କ ସକାଶେ ମନ୍ଦିର ସେବକ ସଂଘ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଆସୁଥିବା ସୂଚାଯାଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ଜିଲାର ମନ୍ଦିର ସେବକ, କର୍ମୀ, ନେତୃବୃନ୍ଦ ଯୋଗ ଦେଇଥିଲେ। ସଂଘର ଆଗାମୀ ବୈଠକ ଆସନ୍ତା ୧୨ ତାରିଖରେ ଧରାକୋଟରେ ମାନବାଧିକାର କାର୍ଯ୍ୟାଳୟରେ ଅନୁଷ୍ଠିତ ହେବାକୁ କୁହାଯାଇଥିଲା । ସେବକ ସଂଘର ଅରୁଣ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ମାମଲା ରୁଜୁ

ବ୍ରହ୍ମପୁର ଅଫିସ,୮।୭

ଚିକିଟି କେ. ନୂଆଗାଁ ଥାନା ଅଧୀନ କରବାଲୁଆ-ଭୋଳାସିଂ ରାସ୍ତାରେ ରବିବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଓ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଛି । ଏନେଇ ନଂ. ୧୨୨/୧୯ ଓ ୧୨୩/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି। ଉଭୟ ମାମଲାର ଅଭିଯୋଗକାରୀଙ୍କ ସମେତ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିବା ଅତିରିକ୍ତ ଏସ୍‌ପି ମାୟାଧର ସେଠୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ରବିବାର ଅପରାହ୍ନରେ ଭୋଳାସିଂ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ ଦୁଇ ଗୋଷ୍ଠୀ ମଦ୍ୟପାନ କରିବା ପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଜେନାପୁରର ଟୁକୁନା ସେଠୀ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ ହୋଇଥିଲା । ସେମାନଙ୍କ ଅଭିଯୋଗ କ୍ରମେ ନଂ. ୧୨୨/୧୯ରେ ମାମଲା ରୁଜୁ ହୋଇଥିବା ବେଳେ ମାଧବନ୍ଦର ପି. ତିରୁପତି ରେଡ୍ଡୀଙ୍କ ଅଭିଯୋଗକ୍ରମେ ନଂ.୧୨୩/୧୯ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ପୋଲିସ କହିଛି ।

**୩ ଅଟକ, ୨ ବାଇକ୍ ଜବତ**

## ଗୋପାଳପୁର ଏନ୍‌ଏସିକୁ ଅତିରିକ୍ତ ଜିଲାପାଳଙ୍କ ଅଚାନକ ଗସ୍ତ



କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଅତିରିକ୍ତ ଜିଲାପାଳ।

ଗୋପାଳପୁର,୮।୭

ଗଞ୍ଜାମ ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ସୋମବାର ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) କାଯର୍ୟାଳୟ ଅଚାନକ ଗସ୍ତ କରିଛନ୍ତି । ଅପରାହ୍ନ ପ୍ରାୟ ୪ଟା ସମୟରେ ଅତିରିକ୍ତ ଜିଲାପାଳ ସେଠୀ ଗସ୍ତ କରି କାଯର୍ୟାଳୟର ଅଧିକାରୀଙ୍କ ସହ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ । ସ୍ୱଚ୍ଛ ଭାରତ ଯୋଜନାର ବାହ୍ୟ ମଳମୁକ୍ତ ସମ୍ପର୍କରେ ସଚେତନତା ଅଧିକ କରିବାକୁ ପରାମର୍ଶ ଦେଇଥିଲେ। ଗୋପାଳପୁର ବେଳାଭୂମିକୁ ସଫା ରଖାଯିବା, ବେଳାଭୂମିରେ ଥିବା ଉଠା ଦୋକାନକୁ ଉଚ୍ଛେଦ କରାଯିବା ସହ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରୁଥିବା ଦୋକାନୀମାନଙ୍କ ବିରୋଧରେ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏନଏସିର ୧୧ଟି ୱାର୍ଡର ସଫା ସୁତୁରା ପାଇଁ ନୋଡାଲ ଅଧିକାରୀ ପ୍ରତିଦିନ ସମୀକ୍ଷା କରି ଜିଲା ପ୍ରଶାସନକୁ ଜଣାଇବା ପାଇଁ କହିଥିଲେ । ଏନଏସିକୁ ସଫା ସୁତୁରା କରି ସ୍ୱଚ୍ଛ ଭାରତ ଯୋଜନାରେ ଜିଲାରେ ୧ନଂ କରିବାକୁ ମତ ରଖିଥିଲେ । ଅଞ୍ଚଳରେ ବୃକ୍ଷ ଚାରାରୋପଣ କରିବାକୁ ପରାମର୍ଶ ଦେବା ସହ ବେଳାଭୂମି ପରିଦର୍ଶନ କରିଥିଲେ । ଏହି ଅବସରରେ ସରିତାରାଣୀ ପଟ୍ଟନାୟକ, ମୁନା ସେଠୀ, ପ୍ରିୟରଞ୍ଜନ ମହାରଣା, ପ୍ରଶାନ୍ତ କୁମାର ତ୍ରିବେଦୀ, କେଦାର ବାଙ୍ଗାରୀ, ଡି. ସୁଶୀଳା ପ୍ରମୁଖ ଉପସ୍ଥିତ ଥିଲେ ।

## ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଦେଲେ ୨ହଜାର ଛାତ୍ରୀଛାତ୍ର

ବ୍ରହ୍ମପୁର ଅଫିସ,୮।୭

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାରରୁ ଆରମ୍ଭ ହୋଇଛି। ୮ ପରୀକ୍ଷା କେନ୍ଦ୍ରରେ ୨ହଜାର ୨୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ବ୍ରହ୍ମପୁର ସିଟି ହାଇସ୍କୁଲରେ ୩୦୨ଜଣ ପରୀକ୍ଷାର୍ଥୀ ଥିବା ବେଳେ ହିଞ୍ଜିଳିକାଟୁ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୫ଜଣ, ଛତ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୭୧, ବ୍ରହ୍ମପୁର ସରକାରୀ କୁଇନ୍ ମିଶନ୍ ଉଚ୍ଚ ବିଦ୍ୟାଳୟରେ ୧୯୧, ଭି.ଭି.ଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ୩୨୯, ଆସିକା ହରିହର ଉଚ୍ଚ ବିଦ୍ୟାଳୟରେ ୨୮୫ଜଣ ଏବଂ ଭଞ୍ଜନଗର ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟରେ ୨୬୨, ଏସ୍ଏମ୍ ହାଇସ୍କୁଲ ଖଲ୍ଲିକୋଟରେ ୧୯୪ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

## ଚକାପାଦ ବ୍ଲକ: ୧୭୫ ଅଭିଯୋଗ ଶୁଣିଲେ ଜିଲାପାଳ

ଶଙ୍କରାଖୋଲ,୮।୭ (ଡି.ଏନ୍.ଏ)

ଚକାପାଦ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ହୋଇଛି। ଜିଲାପାଳ ଡଃ ବୃନ୍ଦା ଡି ୧୭୫ ଅଭିଯୋଗ ଶୁଣି କେତୋଟିର ସମାଧାନ କରିଥିବା ବେଳେ ଅନ୍ୟ କେତେକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ୧୫୯ ବ୍ୟକ୍ତିଗତ ଓ ୧୬ ସାମୂହିକ ଥିଲା। ଅଧିକାଂଶ ଆବାସଗୃହ ଓ ଭତ୍ତା ସମ୍ପର୍କିତ ରହିଥିଲା। ବନ୍ଧିଙ୍ଗିଆଠାରେ ଜଳଯୋଗାଣ ପାଇଁ ଓଭରହେଡ ଟାଙ୍କି ନିର୍ମାଣ ସହ ପାଇପ ବିଛା ଯାଇଛି। କିନ୍ତୁ ଜଳଯୋଗାଣ ହୋଇ ନ ଥିବା ସରପଞ୍ଚ ନଳିନୀ କହଁର ଓ ସମିତି ସଭ୍ୟ ଝିଲିମା ପ୍ରଧାନ ଅଭିଯୋଗ କରିଥିଲେ। ସେହିପରି ପସରା ପଞ୍ଚାୟତର ଗୁଟାସୁଗାଠାରୁ ସୀତାସିକୁ ମୁଣ୍ଡା ଗାଁଠାରୁ ପାଇକମାଲା ଓ ଗୋଛାବାରିରୁ ଦେବିଙ୍ଗିଆ ପର୍ଯ୍ୟନ୍ତ ରାସ୍ତା ଓ ପୋଲ ନିର୍ମାଣ ପାଇଁ ପସରା ସରପଞ୍ଚ ଅର୍ଚ୍ଚନା ପ୍ରଧାନ ଅଭିଯୋଗ କରିଥିଲେ। ଚକାପାଦ ପଞ୍ଚାୟତରେ ପାଣ୍ଡ୍ରିମାର ୧୬ଜଣ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଛନ୍ତି। ଗୃହ ନିର୍ମାଣ ଲାଗି ଇଟାବାଲି ପାଇଁ ଚକାପାଦ ତହସିଲଦାର ୨ ହଜାର ଟଙ୍କା ଓ ପଥର ପାଇଁ ଟିକାବାଲି ବନଖଣ୍ଡ ପକ୍ଷରୁ ୨ ହଜାର ୫୦୦ଟଙ୍କା ମାଗିବାରୁ ପ୍ରତ୍ୟେକଙ୍କ ପାଖରେ ପାଖାପାଖି ୪ ହଜାର ୫୦୦ ଟଙ୍କା ପଡିଛି। ତେଣୁ ଗୃହ ନିର୍ମାଣ ହୋଇପାରି ନ ଥିବା ନେଇ ଜିଲାପାଳଙ୍କୁ ହିତାଧିକାରୀ ମୁକ୍ତିଶ୍ୱର ମୁଦୁଲି, ଭୁଲେମ୍ବର ନାୟକ ପ୍ରଦୀପ ଅମାତ୍ୟ ପ୍ରମୁଖ ଅଭିଯୋଗ କରିଥିଲେ। ବ୍ଲକର ସଲପଗାଁରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ସେଠାରେ ପିଇବା ପାଣିର ବ୍ୟବସ୍ଥା ନାହିଁ। ୯ଜଣ ଶିକ୍ଷକ ବଦଳରେ ୪ଜଣ ଅଛନ୍ତି ବୋଲି ଇଂଲିଶ ଶିକ୍ଷକ ଏସ୍ଏସ୍‌ଟି ପ୍ରଧାନ ଅଭିଯୋଗ କରିଥିଲେ। ଏଥିରେ ବାଲିଗୁଡ଼ା ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ପିଡି ବିଶ୍ୱନାଥ ବାରିକ, ବାଲିଗୁଡ଼ା ପିଆଇଟିଡିଏ ରାଜେନ୍ଦ୍ର ରଣଜିତ, ଜିଲା ଶିକ୍ଷାଧିକାରୀ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଉକ୍ତ ଅଭିଯୋଗ ଶୁଣାଣିକୁ ବିଡିଓ ଅନିଲ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।



ହେରାପଞ୍ଚମୀ ଅବସରରେ ଛତ୍ରପୁର ବଜାରସ୍ଥିତ ଆଡପମଣ୍ଡପ ନିକଟରେ ମହାଶକ୍ତି ବଣିକ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜା କୈଳାସ ଚନ୍ଦ୍ର ଦେଓ, ମନ୍ଦିର ପରିଚାଳନା କମିଟିର ଆଦିକନ୍ଦ ପାଣିଗ୍ରାହୀ, ଏମ୍ ଧନଞ୍ଜୟ ରେଡ୍ଡୀ, ଗିରିଜା ଶଙ୍କର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆସିକାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଆସିକା,୮।୭(ଡି.ଏନ୍.ଏ.)




ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

ଆସିକା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୧୮୬ଟି ଅଭିଯୋଗ ଆସିଥିବାବେଳେ ସେଥିରୁ ସଂଖ୍ୟାଧିକ ଅଭିଯୋଗ ଆବାସ ଯୋଜନାରେ ବାସଗୃହ ଓ ବିଭିନ୍ନ ପ୍ରକାର ଭତ୍ତା ସମ୍ପର୍କିତ ଥିଲା। କେତେକ ସାମୁହିକ ଅଭିଯୋଗ ମଧ୍ୟ ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏହି ଅବସରରେ ଜିଲାପାଳ ଆସିକା ଏନ୍ଏସି ବଜାର ସାହିର ଦୁର୍ଘଟଣାରେ ଗୁରୁତର ଧବଳେଶ୍ୱର ଆଚାରୀଙ୍କ ଚିକିତ୍ସା ଲାଗି ତାଙ୍କ ସ୍ତ୍ରୀ ଶିବାନୀ ଆଚାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ବେଲଗୁଣ୍ଠାର ମାନସିକ ବିକାରଗ୍ରସ୍ତ ଜଣେ ଛାତ୍ରୀଙ୍କ ଚିକିତ୍ସା ଲାଗି ରେଡକ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସାମୁହିକ ଅଭିଯୋଗ ମଧ୍ୟରେ ହରିଡାପଦର ପଞ୍ଚାୟତରେ ମାଛ ଚାଷ ଲାଗି ପଞ୍ଚାୟତ ପୋଖରୀ ନିଲାମକୁ କେନ୍ଦ୍ର କରି ଉଭୟ ଗୋଷ୍ଠିଙ୍କ ଅଭିଯୋଗ ରହିଥିଲା ବେଳେ ବାବାନପୁର ଠାରେ ମୁଖ୍ୟରାସ୍ତାରୁ ମଦ ଦୋକାନ ଉଠାଇବା, ପାନୀୟ ଜଳଯୋଗାଣ ସମସ୍ୟା ଦୂର କରିବା ଓ ସରବନ୍ଧର ପୁନରୁଦ୍ଧାର ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆସିକା ଡାକ୍ତରଖାନାକୁ ମହାପ୍ରୟାଣ ଗାଡି ଯୋଗାଣ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିଭଳି ଆସିକା ଓକିଲ ସଂଘ ପକ୍ଷରୁ ସଂଘ ସଭାପତି ସରୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଓକିଲମାନେ ଜିଲାପାଳଙ୍କୁ ସାକ୍ଷାତ କରି ଆସିକା ସରକାରୀ ଡାକ୍ତରଖାନାକୁ ସବ୍ ଡିଭିଜନ୍ ଡାକ୍ତରଖାନାର ମାନ୍ୟତା ମିଳିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବା, ଗତ ୨ବର୍ଷ ଧରି ଆସିକା ସହରରେ ରାଜସ୍ୱ ବିଭାଗ ପକ୍ଷରୁ ବନ୍ଦୋବସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଏହା ମନ୍ଥର ଗତିରେ ଚାଲିଥିବା, ଆସିକା ତହସିଲରେ ଭନଗର ଉପଜିଲାପାଳଙ୍କ ସାପ୍ତାହିକ କ୍ୟାମ୍ପ କୋର୍ଟ ବିଧିବଦ୍ଧ ଭାବେ ହେଉନଥିବା, ଆସିକାରେ ରାଜସ୍ୱ ସବ୍ ଡିଭିଜନ୍ ପ୍ରତିଷ୍ଠା ଓ ଆସିକା ସହରକୁ ରୀତିମତ ବନ୍ୟା ଦାଉରୁ ରକ୍ଷା କରିବା ଲାଗି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିଭଳି ଆସିକାରେ ଏକ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ନିମନ୍ତେ ଯୁବ ଗୋଷ୍ଠି ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ କୁଲାଙ୍ଗେଙ୍କ ସମେତ ଗଞ୍ଜାମ ଏସ୍‌ପି ବ୍ରିଜେଶ୍ କୁମାର ରଏ, ଟିନିଶିକ୍ସ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବ୍ଲକ୍ ଅଧକ୍ଷ ହରେକୃଷ୍ଣ ମଳିକ, ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ, ତହସିଲଦାର ସୁବାଷ ଚନ୍ଦ୍ର ସେଠିଆଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଶୁଧନ ଆଦି ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ।

■ ମଦଦୋକାନ ଉଚ୍ଛେଦ, ସରବନ୍ଧ ପୁନରୁଦ୍ଧାର ଦାବି

■ ଆସିକା ମେଡିକାଲକୁ ମହାପ୍ରୟାଣ ଗାଡି ଦେବାକୁ ନିବେଦନ

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଆକ୍ରମଣ-ପ୍ରତିଆକ୍ରମଣ ମାମଲା, ୧୧ ଗିରଫ

**ଦିଗପହଣ୍ଡି,୮।୭(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ଘଟିଥିବା ଆକ୍ରମଣ-ପ୍ରତିଆକ୍ରମଣ ମାମଲାରେ ପାଟପୁର ପୋଲିସ ଉଭୟ ପକ୍ଷର ୧୧ ଜଣଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ଗଙ୍ଗାପୁର ଗ୍ରାମର କାଳିଆ ଓରଫ କାଳୁ ଗୌଡ଼, ଅଶୋକ ଗୌଡ଼, ବନା ଗୌଡ଼, ଶଙ୍କର ଗୌଡ଼, ଭାଗ୍ୟ ଓରଫ ଭାଗିରଥି ଗୌଡ଼, ମଙ୍ଗଳା ଗୌଡ଼, ଚୁକୁନା ଗୌଡ଼ ଏବଂ ପ୍ରତିପକ୍ଷ ପରିବାରର ଚକରା ଓରଫ ଚକ୍ରପାଣି ସାହୁ, ଶିବରାମ ସାହୁ, ସନ୍ତ ଓରଫ ସନ୍ତୋଷ ସାହୁ, ବିଜୟ ସାହୁ। ସନ୍ଧ୍ୟାରେ ଜାମିନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି ।ରବିବାର ମଧ୍ୟାହ୍ନରେ କାଳିଆ ଓ ଭାଗ୍ୟଙ୍କ ଗାଈ ବିଜୟଙ୍କ ଜମିରେ ଧାନତଳି ଖାଇ ଦେଇଥିଲେ। ବିଜୟ ଗାଈଗୁଡ଼ିକୁ ଆଣି ତାଙ୍କ ଘର ଆଗରେ ବାନ୍ଧି ରଖିଥିଲେ। ପ୍ରାୟ ସାଢ଼େ ୧୨ଟାରେ କାଳିଆ ଓ ତାଙ୍କ ତିନିଜଣ ପୁଅ ଅଶୋକ, ବନା, ଶଙ୍କରଙ୍କ ସମେତ ଭାଇ ଭାଗ୍ୟ, ମଙ୍ଗଳା, ଜାଗିଲି ପ୍ରମୁଖ ଠେଙ୍ଗା ଧରି ବିଜୟଙ୍କ ଘର ସମ୍ମୁଖରେ ପହଞ୍ଚି ଚକ୍ରପାଣିଙ୍କୁ ମାଡ଼ ମାରିଥିଲେ। ପରେ ବିଜୟ ଓ ତାଙ୍କ ସମର୍ଥକମାନେ କାଳିଆଙ୍କୁ ଘରେ ପଶି ଆକ୍ରମଣ କରିଥିଲେ। ବାପାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ପୁଅ ବନମାଳୀ ମଧ୍ୟ ସେମାନଙ୍କ ଆକ୍ରମଣରୁ ବର୍ତ୍ତିନଥିଲେ । ଏନେଇ ଉଭୟ ପକ୍ଷଙ୍କ ଏତଲାକ୍ରମେ ଆଇଆଇସି ରମେଶ କୁମାର ପ୍ରଧାନ ନଂ. ୧୩୪/୧୯ ଏବଂ ୧୩୫/୧୯ରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଗୁରୁତର ଆହତ କାଳିଆ ଗୌଡ଼ ଏବଂ ଚକ୍ରପାଣିଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା।

■ ବଢୁଛି ଗଞ୍ଜେଇ ଚାଷ, ଅବକାରୀ ବିଭାଗ ନୀରବ

# ୭୧୨୮ ଏକର ଜମିରୁ ଗଛ ନଷ୍ଟ, ଗିରଫ ଶୂନ

ଫୁଲବାଣୀ ଅଫିସ, ୮।୭
**ରାକେଶ କୁମାର ରାଉତ**

କନ୍ଧମାଳ ଜିଲା



କ୍ଷେତରେ ହୋଇଥିବା ଗଞ୍ଜେଇ ଚାଷ।

କନ୍ଧମାଳ ଜିଲାରେ ବ୍ୟାପକ ଗଞ୍ଜେଇ ଚାଷ ହେବା ଘଟଣା କାହାରିକୁ ଅଛପା ନାହିଁ। ଜିଲାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବହୁ ନଜିର ରହିଛି। ଗଞ୍ଜେଇ ଗଛ ଲଗାଇବା ଏବଂ ଚୋରା କାରବାର ଯୋଗୁ ଜିଲାରେ ଅସାମାଜିକ ତତ୍ତ୍ୱଙ୍କ ଚଳପ୍ରଚଳ ବୃଦ୍ଧି ପାଉଛି। ସେମାନଙ୍କୁ ଧରାଯାଉନାହିଁ। ଗଞ୍ଜେଇ ଚାଷ ବର୍ଷକୁ ବର୍ଷ ବଢୁଛି ପଛେ, କମୁନାହିଁ। ଅବକାରୀ, ପୋଲିସ ବିଭାଗ ଗଞ୍ଜେଇ ଗଛ କାଟି ନଷ୍ଟ କରୁଥିବା କହୁଥିଲେ ହେଁ, ତାହା ସମୁଦ୍ରକୁ ଶଙ୍ଖେ ପରି। ଗଞ୍ଜେଇ ଚାଷ ସମ୍ପୂର୍ଣ୍ଣ ବନ୍ଦ କରିବା ଏବଂ ଏହା ଉପରେ ବିଭାଗ କ'ଣ ପଦକ୍ଷେପ ନେଇଥିବା ସଂକ୍ରାନ୍ତରେ ଯେଉଁ ଉତ୍ତର ମିଳିଛି ତାହା ତାଜୁବ କଲାଭଳି। କାରଣ ବିଗତ ୨ ବର୍ଷରେ ୭୧୨୮ ଏକର ଜମିରୁ ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଥିଲେ ହେଁ ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।

ଗଞ୍ଜେଇ ସାଧାରଣତଃ ଜିଲାର ଫିରିଙ୍ଗିଆ, ବାଲିଗୁଡା ଏବଂ ଖଜୁରିପଡା, କ.ନୂଆଗାଁ ବ୍ଲକ ଅଞ୍ଚଳରେ ଅଧିକ ଚାଷ କରାଯାଉଛି। ଅଧିକାଂଶ ଚାଷ ନିଜ ଜମି ସମେତ ଜଙ୍ଗଲ ଜମିରେ ହୋଇଥାଏ। ଯେଉଁଠି ଚାଷ ହୁଏ ସେଠାରେ ଥିବା ବନବିଭାଗ ଅଧିକାରୀ, ପୋଲିସ, ଅବକାରୀ କର୍ମଚାରୀ, ପିଆର୍‌ଆଇ ମେମ୍ବରଙ୍କ ଗୋଚରରେ ଥାଏ। ସମସ୍ତେ ସବୁ ଜାଣିଥାନ୍ତି। ଯେତବେଳେ ଉପରୁ ନିର୍ଦ୍ଦେଶ ଆସେ ସେତବେଳେ ଗଞ୍ଜେଇ ଗଛ କଟା ଅଭିଯାନ ଆରମ୍ଭ ହୁଏ। କିନ୍ତୁ କିଏ ଗଞ୍ଜେଇ ଗଛ ଲଗାଇଥିଲା ତାହା ଜାଣିଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାନ୍ତିନାହିଁ। ସୂଚନା ଅନୁଯାୟୀ, ଯେତିକି ଗଛ ନଷ୍ଟ କରାଯାଏ ତାହା ୧୦ ପ୍ରତିଶତରୁ ବି କମ୍। ଗଞ୍ଜେଇ କାରବାରକୁ ରୋକିବା ଏବଂ ଏହାଦ୍ୱାରା ଜିଲାରେ ଅପରାଧ ବଢୁଛି ବୋଲି ଜିଲା ନାଗରିକ ମଞ୍ଚ ପକ୍ଷରୁ ଅବକାରୀ ଅଧୀକ୍ଷକଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ହେଲେ ଅବକାରୀ ଅଧୀକ୍ଷକଙ୍କ ରିପୋର୍ଟ ଦେଖିଲେ ପ୍ରକୃତରେ ଜିଲାରେ କିପରି ଗଞ୍ଜେଇ ଚାଷ ରୋକାଯାଉଛି ତାହା ଆଶ୍ଚର୍ଯ୍ୟ ଲାଗିବ। ରିପୋର୍ଟ ଅନୁଯାୟୀ, ୨୦୧୫-୧୬ରେ ୧୪୩୧ ଏକରରେ ୧୨ ଲକ୍ଷ ୪୭ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା। ଯାହାର ମୂଲ୍ୟ ୧୨୪.୭୮ କୋଟି। ଏହି ଘଟଣାରେ ୧୧ଟି ମାମଲା ରୁଜୁ କରାଯାଇ ମୋଟ ୫୪ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୧୬-୧୭ରେ ୨୩୮୪ ଏକରରେ ୨୩ ଲକ୍ଷ ୮୪ ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା। ଯାହାର ମୂଲ୍ୟ ୨୩୮.୪୦ କୋଟି। ଏହି ଘଟଣାରେ ଗୋଟିଏ ମାମଲା ରୁଜୁ କରାଯାଇ ୫ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ୨୦୧୭-୧୮ରେ ୨୪୨୪ ଏକରରେ ୨୪ ଲକ୍ଷ ୨୪ ହଜାର ଗଞ୍ଜେଇ ଗଛ କଟା ଯାଇଥିଲା। ଯାହାର ମୂଲ୍ୟ ୨୪୨.୪୦ କୋଟି। ଏହି ଘଟଣାରେ ୨୭ଟି ମାମଲା ରୁଜୁ ହୋଇଥିବା ବେଳେ ଜଣେ ବି କାହାରିକୁ ଗିରଫ କରାଯାଇ ନାହିଁ। ସେହିପରି ୨୦୧୮-୧୯ରେ ୪୭୦୪ ଏକରରେ ୪୭ ଲକ୍ଷ ୪ ହଜାର ଗଞ୍ଜେଇ ଗଛ କଟାଇଥିଲା। ଯାହାର ମୂଲ୍ୟ ୪୭୦.୪୦ କୋଟି। ହେଲେ ଏହି ଘଟଣାରେ ଗୋଟିଏ ବି ମାମଲା ରୁଜୁ ହୋଇ ନାହିଁ କି କେହି ଗିରଫ ହୋଇନାହାନ୍ତି। ରିପୋର୍ଟକୁ ଦେଖିଲେ ପ୍ରତିବର୍ଷ ଗଞ୍ଜେଇ ଚାଷ ବଢ଼ି ଚାଲିଛି। ସେହି ତୁଳନାରେ ମାମଲା ରୁଜୁ ହୋଇ ଗିରଫ ସଂଖ୍ୟା ବଢ଼ିବା କଥା, ହେଲେ ତାହା ହେଉନାହିଁ। ଏଥିରୁ ଗୋଟିଏ ଘଟଣା ସ୍ପଷ୍ଟ, ଅବକାରୀ ଅଧିକାରୀ/କର୍ମଚାରୀ, ପୋଲିସ, ବନ ବିଭାଗ ଏବଂ ଗଞ୍ଜେଇ ଚାଷୀଙ୍କ ମଧ୍ୟରେ ସଲାସୁତରା ରହିଛି। ଏ ନେଇ ଜିଲା ଅବକାରୀ ଅଧୀକ୍ଷକ ବିଦ୍ୟାଧର ସେଠୀଙ୍କୁ ପଚାରିବାରୁ ଜଙ୍ଗଲ ଭିତରେ ଚାଷ ହେଉଥିବାରୁ ମାମଲା ରୁଜୁ କରିବା ଏବଂ ଗିରଫ କରିବା କଷ୍ଟକର ହେଉଛି ବୋଲି କହିଛନ୍ତି।

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

### ୧୯ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଆସିକା,୮।୭(ଡି.ଏନ୍.ଏ.)**

ଆସିକାସ୍ଥିତ ହରିହାର ହାଇସ୍କୁଲ କେନ୍ଦ୍ରରେ ସୋମବାର ଠାରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହୋଇଛି। ଏହି କେନ୍ଦ୍ରରେ ଆସିକା, ଧରାକୋଟ, କବିସୂର୍ଯ୍ୟନଗର, ପୋଲସରା ଓ ବୁଗୁଡା ବ୍ଲକର ୪୩ ହାଇସ୍କୁଲର ୨୮୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ଲାଗି ବ୍ୟବସ୍ଥା କରାଯାଇଛି। ତେବେ ପ୍ରଥମ ଦିବସରେ ୧୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ରାଉତ କେନ୍ଦ୍ର ନିରୀକ୍ଷକ ଭାବେ ପରୀକ୍ଷା ପରିଚାଳନା କରୁଥିଲାବେଳେ ସହଯୋଗ କରିବା ଲାଗି ୨ଜଣ ସହକାରୀ ନିରୀକ୍ଷକ ଓ ୨୧ ଜଣ ନିରୀକ୍ଷକ ପରୀକ୍ଷା ପରିଚାଳନାରେ ନିୟୋଜିତ ହୋଇଛନ୍ତି।

### ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ

**ସୋରଡ଼ା,୮।୭(ଡି.ଏନ୍.ଏ.)**

ସୋରଡ଼ା ବଡ଼ଦାଣ୍ଡର ଏକ ସୁନା ଦୋକାନରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ରବିବାର ଭୋର୍‌ରେ ପ୍ରାୟ ୧୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ରାତି ପ୍ରାୟ ୨ରୁ ୩ ମଧ୍ୟରେ ଗୋଟିଏ ଅଟୋରେ ୪ ଜଣ ମୁଖାପିନ୍ଧା ଯୁବକ ଦୋକାନ ସମ୍ମୁଖରେ ବୁଲୁଥିବା କେତେକ ଲୋକ ଦେଖିଥିବା କହିଛନ୍ତି।

## ଦୁର୍ଘଟଣାରେ ବିଡିଓ, ସହଯୋଗୀ ଗୁରୁତର

**ଆସିକା,୮।୭(ଡି.ଏନ୍.ଏ.)**

ଆସିକା-ଭଞ୍ଜନଗର ମୁଖ୍ୟରାସ୍ତାର ଆସିକା ଥାନା ବାଲିସିରା ନିକଟରେ ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୮ଟାରେ ଏକ ଦୁର୍ଘଟଣାରେ ଭଞ୍ଜନଗର ବିଡିଓ ଅନିଲ୍ କୁମାର ସେଠୀ ଓ ଅନ୍ୟଜଣେ କର୍ମଚାରୀ ଜଗବନ୍ଧୁ ସାହୁ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। ବିଡିଓ ଓ କର୍ମଚାରୀଙ୍କ ଆହତ ଖବର ପାଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଆସିକା ଏସ୍.ଡି.ପି.ଓ. ସୂର୍ଯ୍ୟମଣି ପ୍ରଧାନ, ଆସିକା ବିଡିଓ ଗାୟତ୍ରୀଦ ନାୟକ ପ୍ରମୁଖ ଆସିକା ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ବିଡିଓ ସେଠୀ ତାଙ୍କର ଅଫିସ୍ ସହଯୋଗୀଙ୍କ ସହ ଅଫିସ୍ ଗାଡିରେ ଛତ୍ରପୁର ଠାରେ ଏକ ବୈଠକରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ଭଞ୍ଜନଗରରୁ ଆସିକା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଅତିକ୍ରମ କରି ହଠାତ୍ ସାମନାକୁ ଚାଲି ଆସିଥିଲା। କାରକୁ ଦୁର୍ଘଟଣାରୁ ରକ୍ଷା କରିବାକୁ ଯାଇ ବିଡିଓଙ୍କ ଗାଡି ରାସ୍ତାକଡ ଏକ ଗଛରେ ପିଟି ହେବା ପରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।




■ ଜଙ୍ଗଲରେ ଅବକାରୀ,ପୋଲିସର ଚଢ଼ାଉ

# ରନ୍ଧାମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୮।୭(ଡି.ଏନ.ଏ.)**

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ଟି.ଗୋବିନ୍ଦପୁର ତପ୍ତପାଣି ଦୁର୍ଗମ ଜଙ୍ଗଲରେ ଦୀର୍ଘଦିନ ଧରି ଚାଲିଥିବା ଦେଶୀମଦ ଭାଟିରେ ସୋମବାର ଅବକାରୀ ଓ ପୋଲିସ କର୍ମଚାରୀଙ୍କ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା। ମଦ ରନ୍ଧା କାର୍ଯ୍ୟରେ ନିୟୋଜିତ ପାଟପୁର ଥାନା ଲକ୍ଷ୍ମୀନାରାୟଣପୁର ଗ୍ରାମର ନିକିଦମ ନାୟକଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୮ ଲିଟର ଚୋରା ରନ୍ଧା ଦେଶୀମଦ ଜବତ କରାଯାଇଛି। ମଦ ଭାଟିରେ ଥିବା ୧୦୨୦ ଲିଟର ପୋଚ ନଷ୍ଟ କରାଯିବା ସହ ୨ ପ୍ଲାଷ୍ଟିକ ଜାରରେ ଥିବା ପ୍ରାୟ ୪୦ ଲିଟର ମଦ ସହ ମଦପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଅବକାରୀ କାର୍ଯ୍ୟାଳୟ ମାମଲା ନଂ.୧୮/୧୯-୨୦ ଅନୁଯାୟୀ ଅପରାହ୍ନରେ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ୪୦ ଲିଟର ମଦ ଓ ମଦରନ୍ଧା ସରଞ୍ଜାମ ଜବତ ଘଟଣାରେ ଅନ୍ୟ ଏକ ମାମଲା ନଂ ୧୯/୧୯-୨୦ ଅନୁଯାୟୀ ମାମାଲା ରୁଜୁ କରାଯାଇଛି। ସୋମବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ, ବ୍ରହ୍ମପୁର ଅବକାରୀ ଅତିରିକ୍ତ ଅଧିକ୍ଷକ ଅଜିତ କୁମାର ମହାପାତ୍ର, ଚିକିଟି ଅବକାରୀ ଇନ୍ସପେକ୍ଟର ଲକ୍ଷ୍ମଣ କୁମାର ଷଡ଼ଙ୍ଗୀ, ଦିଗପହଣ୍ଡି ଅବକାରୀ ଏସଆଇ ଅଭିରାମ ସାହୁ, ବ୍ରହ୍ମପୁର ସଦର ଅବକାରୀ ଏସ୍‌ଆଇ ବାଳକ ବିଶି, ଗୋଳନ୍ଥରା ଅବକାରୀ ଏସଆଇ ସନ୍ତୋଷ କୁମାର ସାହୁ, ଏଏସଆଇ ରବୀନ୍ଦ୍ର ନାଥ ପାଢ଼ୀଙ୍କ ସମେତ ବହୁ ଅବକାରୀ ଓ ପୋଲିସ କର୍ମଚାରୀ ଜଙ୍ଗଲରେ ଅତର୍କିତ ଚଢ଼ାଉ କରି ଏହି ଚୋରା ଦେଶୀ ମଦ ଭାଟି ଠାବ କରିଥିଲେ। ମଦ ମାଫିଆ ତାଙ୍କ ସହଯୋଗୀମାନେ ଦୁର୍ଗମ ଜଙ୍ଗଲ ରାସ୍ତାରେ ଦୌଡ଼ି ପଳାଇଥିବା ଜଣାପଡ଼ିଛି।



ମଦରନ୍ଧା ସରଞ୍ଜାମ ସହ ଗିରଫ ଅଭିଯୁକ୍ତ।

ଭାଉଜଙ୍କୁ ଅସଦାଚରଣ, ଆକ୍ରମଣ ମାମଲା

### ଜେଲ ଗଲେ ଅଭିଯୁକ୍ତ ଦିଅର

**ଦିଗପହଣ୍ଡି,୮।୭(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ସୋମବାର ନିମଖଣ୍ଡିପେଣ୍ଠ ଗ୍ରାମର ଅକ୍ଷୟ କୁମାର କର ଓରଫ ବିଚ୍ଛୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ମେ ୧୭ ରାତି ପ୍ରାୟ ୮ଟାରେ ଅକ୍ଷୟ ତାଙ୍କ ଭାଉଜଙ୍କୁ ଘରେ ପଶି ଅସଦାଚରଣ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଭାଉଜ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ କରି ନଂ.୧୦୬/୧୯ରେ ମାମଲା ରୁଜୁ କରିଥିଲେ। ଗିରଫ ଭୟରେ ଅଭିଯୁକ୍ତ ଗ୍ରାମରୁ ଫେରାର ହୋଇଯାଇଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତଦନ୍ତକାରୀ ପୋଲିସ ଅଧିକାରୀ ଏସ୍‌ଆଇ ମଧୁସ୍ମିତା ପ୍ରଧାନ ସଦଳବଳ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ।

### ମଦ ଜବତ, ଜଣେ ଗିରଫ

**ଦିଗପହଣ୍ଡି,୮।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଶଙ୍କରଖାଳି ଗ୍ରାମ ଛକରେ ଥିବା ପାନ ଦୋକାନରୁ ୧୪ ବିଦେଶୀ ମଦ ବୋତଲ ଜବତ କରାଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଗପହଣ୍ଡି ଅବକାରୀ ଏସ୍‌ଆଇ ଅଭିରାମ ସାହୁ ସଦଳବଳ ଦୋକାନରେ ଚଢ଼ାଉ କରି ଖାନତଲାସ କରିଥିଲେ। ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଶଙ୍କରଖାଳି ଗ୍ରାମର ବ୍ୟବସାୟୀ ତ୍ରିଲୋଚନ ସାହୁଙ୍କୁ ଗିରଫ କରି ଅବକାରୀ ମାମଲା ନଂ.୨୦/୧୯-୨୦ ଅନୁଯାୟୀ ଦିଗପହଣ୍ଡି କୋର୍ଟ ଚାଲାଣ କରାଯାଇଛି।

## ଓକିଲଙ୍କୁ ଦୁର୍ବ୍ୟବହାର ନେଇ ବାର ଆସୋସିଏଶନର ବୈଠକ

**କବିସୂର୍ଯ୍ୟନଗର,୮।୭**

କବିସୂର୍ଯ୍ୟନଗର ବରିଷ୍ଠ ଆଇନଜୀବୀ ଭଗବାନ ମହାପାତ୍ରଙ୍କୁ ଥାନାଧିକାରୀ ଦୁର୍ବ୍ୟବହାର କରିବା ଅଭିଯୋଗ ହୋଇଛି। ଏ ନେଇ ଗତ ଜୁନ୍ ୨୬ ତାରିଖରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀଙ୍କୁ ବଦଳି ଓ ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଥିଲା। କିନ୍ତୁ ଆଇଆଇସି ଆପୋଷ ବୁଝାମଣା ପାଇଁ ପରାମର୍ଶ ଦେଇଥିଲେ। ଆଇଆଇସିଙ୍କ ଦୁର୍ବ୍ୟବହାର ନେଇ ଆନ୍ଦୋଳନ ଡାକରା ଦେଇଛନ୍ତି ଆଇନଜୀବୀ। ଏଥିପାଇଁ ପୋଲିସ ମହାନିର୍ଦ୍ଦେଶକ, ଗୃହ ସଚିବ, ଦକ୍ଷିଣାଞ୍ଚଳ ଆଇଜି ପ୍ରମୁଖଙ୍କୁ ଲିଖିତ ଅଭିଯୋଗ ବି କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ରବିବାର ରାତି ୯ଟାରେ କୋର୍ଟ ପରିସରରେ ବରିଷ୍ଠ ଆଇନଜୀବୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ୯ ତାରିଖରେ ଅଦାଲତ କାର୍ଯ୍ୟବନ୍ଦ, ୧୦ରେ ଓକିଲଙ୍କ ସହର ପରିକ୍ରମା ଓ ୧୧ ସକାଳ ୯ରୁ ରାତି ୯ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯିବ ବୋଲି ୪ ଦଫା ଦାବି ହୋଇଥିଲା। କାର୍ଯ୍ୟକ୍ରମ ପରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସମ୍ପାଦକ ଲୋକନାଥ ପାଢ଼ୀ କହିଛନ୍ତି। ବରିଷ୍ଠ ଆଇନଜୀବୀ, ସୁକୁମାର ମାଝୀ, ପ୍ରଭାତ କୁମାର ସାମଲ, ଅଶୋକ ମହାରଣା ପ୍ରମୁଖ ଓକିଲ ଉପସ୍ଥିତ ଥିଲେ। ଏ ନେଇ ଆଇଆଇସିଙ୍କୁ ପଚାରିବାରୁ ସେ ଏହାକୁ ଖଣ୍ଡନ କରିବା ସହ ବରିଷ୍ଠ ଆଇନଜୀବୀଙ୍କ ଅଭିଯୋଗଟି ବାଲିଛାଇ ଫାଣ୍ଡି ଅଧୀନରେ ସେଠାରେ ଅଭିଯୋଗ ପ୍ରଥମେ କରନ୍ତୁ, ସେ ନ ବୁଝିଲେ ମୁଁ ସମାଧାନ କରିବାକୁ କହିଥିଲି ବୋଲି କହିଛନ୍ତି।

## ଜନଜାତି ସମ୍ପ୍ରଦାୟ ଚାଷୀଙ୍କୁ ବିହନ ବଣ୍ଟନ

**ଦାରିଙ୍ଗବାଡ଼ି,୮।୭(ଡି.ଏନ.ଏ.)**




ବିଧାୟକ ସାଲୁଗା ପ୍ରଧାନ ଜଣେ ମହିଳା ଚାଷୀଙ୍କୁ ବିହନ ବଣ୍ଟନ କରୁଛନ୍ତି।

ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ କୁତୁବାଡ଼ି ଏବଂ ସିଆଙ୍ଗବାଲି ପଞ୍ଚାୟତ ତରବାଡ଼ି ଗ୍ରାମରେ ରବିବାର ଜନଜାତି ସମ୍ପ୍ରଦାୟର ଚାଷୀଙ୍କୁ ବିନସ ମଞ୍ଜି ପ୍ରଦାନ କରାଯାଇଛି। ବାଲିଗୁଡ଼ା ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା ପକ୍ଷରୁ ଉଦ୍ୟାନ ଚାଷ ପ୍ରତି ଗୁରୁତ୍ୱ ଦିଆଯିବା ସହ ଉନ୍ନତ କିସମର ବିହନ ଯୋଗାଇ ଦିଆଯାଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଅତିଥି ଭାବେ ଯୋଗଦେଇ ୬୦ ମହିଳା ଏବଂ ପୁରୁଷ ଚାଷୀଙ୍କୁ ଏହି ଉନ୍ନତ କିସମ ବିନସ ମଞ୍ଜି ବଣ୍ଟନ କରିଥିଲେ। ଆଗକୁ ମାଟିଆଳୁ ସହ ମିଠା ମକା ଆଦି ବିହନ ଯୋଗାଇଦେବାକୁ ସରକାର ଯୋଜନା ରଖିଛନ୍ତି। ଉଦ୍ୟାନ ଚାଷ ମଧ୍ୟରେ ସରକାର ପନିପରିବା ଚାଷକୁ ଗୁରୁତ୍ୱ ଦେଉଥିବା ବିଧାୟକ ପ୍ରଧାନ କହିଥିଲେ। ଏହି ବଣ୍ଟନ କାର୍ଯ୍ୟକ୍ରମରେ କୁତୁବାଡ଼ି ବିଦ୍ୟାଳୟର ଶିକ୍ଷକ ବିଦେଶୀ ନାୟକ, ଦୀପକ କୁମାର ସାହୁ, ପୂର୍ବତନ ରାଜସ୍ୱ ବିଭାଗ କର୍ମଚାରୀ ତଥା ସମାଜସେବୀ ସିକନ୍ଦର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବ୍ରାହମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ